# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**05th March - 2025**

**********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାର ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ସହ ନବସୃଜନକୁ ଗୁରୁତ୍ୱ ଦେଉଛନ୍ତି; କହିଲେ ପ୍ରଧାନମନ୍ତ୍ରୀ ।

- ପ୍ରାଣୀଧନ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସଂଶୋଧନକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ।

- ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ୍ କରିବାପାଇଁ ଘରକୁ ଘର ବୁଲି ସର୍ଭେ କରାଯିବ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଏବଂ

- ରାଜ୍ୟବ୍ୟାପୀ ପାଳିତ ହେଉଛି ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ।

*Desk*

# ପି.ଏମ୍. - ଓ୍ୱେବିନାର

କେନ୍ଦ୍ର ସରକାର ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ପ୍ରାଥମିକତା ଦେବାସହ ଜନସାଧାରଣ, ଅର୍ଥନୀତିର ବକାଶ ଓ ନବସୃଜନକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ନିଯୁକ୍ତି ସମ୍ପର୍କିତ ବଜେଟ୍ ପରବର୍ତ୍ତୀ ଓ୍ୱବିନାରକୁ ଆଭାସୀ ମାଧ୍ୟମରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ନାଗରିକଙ୍କ ଉପରେ ନିବେଶ କରିବା ତିନୋଟି ସ୍ତମ୍ଭ ଉପରେ ପର୍ଯ୍ୟବସିତ । ସେଗୁଡ଼ିକ ହେଲା - ଶିକ୍ଷା, ଦକ୍ଷତା ଏବଂ ସ୍ୱାସ୍ଥ୍ୟସେବା । ସେ କହିଛନ୍ତି, ଅନେକ ଦଶନ୍ଧି ପରେ ଦେଶର ଶିକ୍ଷା ବ୍ୟବସ୍ଥାରେ ଯେଉଳି ରୂପାନ୍ତରଣ ଘଟିଛି, ତାହାକୁ ଲୋକମାନେ ଦେଖିପାରୁଛନ୍ତି । ସ୍ୱାସ୍ଥ୍ୟକ୍ଷେତ୍ରରେ ଟେଲି-ମେଡିସିନ୍ ବ୍ୟବସ୍ଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚିପାରିଛି । ସମାଜର ଶେଷସ୍ତରରେ ଥିବା ବ୍ୟକ୍ତି ଏହି ସୁବିଧା ପାଇପାରୁଛନ୍ତି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ୨୦୨୫-୨୬ କେନ୍ଦ୍ରୀୟ ବଜେଟ୍‌ରେ ଘରୋଇ ଓ ଅନ୍ତର୍ଜାତୀୟ ପର୍ଯ୍ୟଟନକୁ ପ୍ରସାର କରବା ଲାଗି ଅନେକ ନିଷ୍ପତ୍ତି ନିଆଯାଇଛି । ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇ ଦେଶର ୫୦ଟି ସ୍ଥାନକୁ ବିକଶିତ କରାଯିବାର ଲକ୍ଷ୍ୟ ରଖାଯାଇଛି । ହୋଟେଲ୍ ଶିଳ୍ପକୁ ଉନ୍ନତ ଭିତ୍ତିଭୂମିର ମାନ୍ୟତା ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ବୃଦ୍ଧି କରିବା ଲାଗି ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି ।

ସେହିପରି କୃତ୍ରିମ ବୁଦ୍ଧିମତ୍ତା ବା ଏ.ଆଇ.ର ସାମର୍ଥ୍ୟକୁ ବୃଦ୍ଧି କରିବା ସକାଶେ ଭାରତ National Large Language Model ବା ଜାତୀୟ ବୃହତ୍ ଭାଷାଭିତ୍ତିକ ଢାଞ୍ଚା ସ୍ଥାପନ କରିବା ଲାଗି ନିଷ୍ପତ୍ତି ନେଇଛି । ଏଥିସହିତ ଷ୍ଟାର୍ଟଅପ୍‌ର ପରିସର ବୃଦ୍ଧି କରିବା ଲାଗି ସରକାର ବହୁବିଧ ପଦକ୍ଷେପ ନେଇଛନ୍ତି । ଗବେଷଣା ଓ ନବସୃଜନକୁ ବ୍ୟାପକ କରିବା ସକାଶେ କେନ୍ଦ୍ରୀୟ ବଜେଟ୍‌ରେ ୧ ଲକ୍ଷ କୋଟି ଟଙ୍କାର କର୍ପସ୍ ପାଣ୍ଠିର ବ୍ୟବସ୍ଥା କରାଯାଇଛି । ନିଯୁକ୍ତି ସୃଷ୍ଟି କରିବା ସରକାରଙ୍କ ଅନ୍ୟତମ ପ୍ରାଥମିକ ଲକ୍ଷ୍ୟ ରହିଛି । ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ନିରନ୍ତର ତଥା ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି, ବୈଷୟିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ନେତୃତ୍ୱ ଏବଂ ଦକ୍ଷ ମାନବ ସମ୍ବଳ ଲକ୍ଷ୍ୟ ହାସଲ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

*HS*

# କ୍ୟାବିନେଟ୍

ପ୍ରାଣୀଧନ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସଂଶୋଧନକୁ ଆଜି କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ପ୍ରାଣୀ ସମ୍ପଦ ଓ ରୋଗ ନିୟନ୍ତ୍ରଣ – ଏଲ.ଏଚ୍. ଏଣ୍ଡ୍ ଡି.ସି. ଏବଂ ପ୍ରାଣୀ ଔଷଧକୁ ସାମିଲ ରହିଛି । ଏହ ସଂଶୋଧନରେ ଗୁରୁତର ପ୍ରାଣୀ ରୋଗ

ନିୟନ୍ତ୍ରଣ କାର୍ଯ୍ୟକ୍ରମ, ପ୍ରାଣୀ ଚିକିତ୍ସା ଡାକ୍ତରଖାନା ଓ ଔଷଧାଳୟର ସୁଦୃଢ଼ୀକରଣ କରିବା ଲାଗି ରାଜ୍ୟକୁ ସହାୟତା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

***BBSR/R***

# ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ୍ କରିବାପାଇଁ ସର୍ଭେ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଶ୍ରୀମତୀ ପରିଡ଼ା କହିଛନ୍ତି, ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ଘରକୁ ଘର ବୁଲି ସର୍ଭେ କରାଯିବ । ଏବେ ସୁଦ୍ଧା ସୁଭଦ୍ରା ଯୋଜନାରେ ୧ କୋଟି ୮ ଲକ୍ଷ ମହିଳା ଆବେଦନ କରିଛନ୍ତି । ସର୍ଭେ ପରେ ରକ୍ଷା ବନ୍ଧନ ସମୟରେ ୩ଟି କିସ୍ତି ଦିଆଯବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice :.........***

ସୂଚନା ଅନୁସାରେ, ଆଜି ସୁଭଦ୍ରା ହିତାଧିକାରୀଙ୍କୁ ନେଇ ସୁଭଦ୍ରା ର୍ୟାଲି ଅନୁଷ୍ଠିତ ହୋଇଛି । ଏହି ଯୋଜନାରେ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ସହାୟତା ରାଶି ଆସନ୍ତାକାଲି ପ୍ରଦାନ କରାଯିବ। ସେହିଭଳି ଯୋଜନାର ଦ୍ୱିତୀୟ କିସ୍ତି ଆସନ୍ତା ଶନିବାର ଦିନ ଅନ୍ତର୍ଜାତୀୟ ମହିଳା ଦିବସରେ ପ୍ରଦାନ କରାଯିବ ।

*Desk*

# ବିଜୁ ଜୟନ୍ତୀ

ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଆଜି ପାଳନ କରାଯାଉଛି । ଓଡ଼ିଶାର ବିକାଶ ତଥା ଜନସାଧାରଣଙ୍କ ସଶକ୍ତୀକରଣ ଦିଗରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ବିଜୁବାବୁ ଗଣତାନ୍ତ୍ରିକ ଆଦର୍ଶ ପ୍ରତି ମଧ୍ୟ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଥିଲେ ଏବଂ ଜରୁରୀକାଳୀନ ପରିସ୍ଥିତିକୁ ଦୃଢ଼ ବିରୋଧ କରିଥିଲେ ବୋଲି ତାଙ୍କ ଜୟନ୍ତୀ ଅବସରରେ ଶ୍ରୀ ମୋଦୀ କହିଛନ୍ତି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ଓଡ଼ିଶା ବିଧାନସଭା ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି।

ଭୁବନେଶ୍ୱର ଜୟଦେବ ଭବନଠାରେ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଆଜି ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ।

*Puri/R*

# ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆସନ୍ତାକାଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ । ଅପରାହ୍ନରେ ହେବାକୁ ଥିବା ବୈଠକରେ ଅସନ୍ତା ୧୩ ତାରିଖରେ ମେଣ୍ଢାପୋଡ଼ି ଓ ୧୪ ତାରିଖରେ ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ନେଇ ଆଲୋଚନା କରାଯିବ । ସେହିଭଳି ରତ୍ନଭଣ୍ଡାର ମରାମତି ଓ ନାଟମଣ୍ଡପର ନୂତନ ଦର୍ଶନ ବ୍ୟବସ୍ଥା ନେଇ ନିଷ୍ପତ୍ତି ନିଆଯିବାର କାର୍ଯ୍ୟସୂଚୀ ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

*Desk*

# ବନକଲାଗି

ଫାଲଗୁନ ଶୁକ୍ଲଷଷ୍ଠୀ ତିଥି ଉପଲକ୍ଷେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ନୀତିକାନ୍ତି ଆରମ୍ଭ ହୋଇଛି । ଏଥିପାଇଁ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛ ।

*Kendrapara/R*

## ଗ୍ରୀଷ୍ମପ୍ରବାହ - ପ୍ରସ୍ତୁତି ବୈଠକ

ଗ୍ରୀଷ୍ମପ୍ରବାହର ମୁକାବିଲା ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପିଇବାପାଣି ପାଇଁ ଟ୍ୟାଙ୍କର ବ୍ୟବସ୍ଥା ଓ ଛକସ୍ଥାନମାନଙ୍କରେ ଜଳଛତ୍ର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ପୌରପରିଷଦର ନିର୍ବାହୀ ଅଧିକାରୀ ଓ ବି.ଡି.ଓ.ମାନେ ଏଥିପାଇଁ ମିଳିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅଂଶୁଘାତଜନିତ ପରିସ୍ଥିତିର ମୁକାବିଲା ପାଇଁ ତହସିଲ୍‌ଦାର ଓ ମେଡିକାଲ୍ ଅଫିସରମାନଙ୍କୁ ପରାମର୍ଶ ଦିଆଯାଇଛି ।

*Ganjam/R*

## ଅନ୍ତର୍ଜାତୀୟ ମହିଳା ଦିବସ

ପ୍ରେରଣାଦାୟୀ ମହିଳାମାନଙ୍କ ସଫଳତା, ଅବଦାନ, ସମାଜର ବିକାଶରେ ମହିଳାଙ୍କ ଯୋଗଦାନ ଓ ସମର୍ପଣକୁ ସମ୍ମାନ ଜଣାଇ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଉଛି । ଏହି ଉପଲକ୍ଷେ ଆକାଶବାଣୀ ଆଞ୍ଚଳିକ ସମ୍ବାଦ ବିଭାଗ ସାହସୀ, ସ୍ୱାବଲମ୍ବୀ ଏବଂ ଅନ୍ୟମାନଙ୍କପାଇଁ ଉଦାହରଣ ସାଜିଥିବା ମହିଳାଙ୍କ ସଫଳତାର କାହାଣୀ

ପ୍ରସ୍ତୁତ କରୁଛି । ଏହି ମର୍ମରେ ଆମ ଗଞ୍ଜାମ ସମ୍ବାଦଦାତା ବିଭୂତି ତ୍ରିପାଠୀଙ୍କ ଏକ ରିପୋର୍ଟ :

***Voice** :.........*

***Boudh/R***

# ଫୁଟ୍‌ବଲ୍

ବୌଦ୍ଧ ଫୁଟ୍‌ବଲ୍ ଆସୋସିଏସନ୍‌ଦ୍ୱାରା ଆୟୋଜତ ସର୍ବଭାରତୀୟ ଡି.ଏସ୍. କପ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ୪-୩ ଗୋଲ୍‌ରେ ବେଙ୍ଗାଲୁରୁ ଦଳ ବିଜୟୀ ହୋଇଛି । ବରଗଡ଼କୁ ହରାଇ ବେଙ୍ଗାଲୁରୁ ପ୍ରଥମ ଦଳ ଭାବେ ଫାଇନାଲ୍‌କୁ ପ୍ରବେଶ କରିଛି ।

***Met. O.***

# ପାଣପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ଆଜି ବୌଦ୍ଧ ଜିଲ୍ଲାର ଦିନର ସର୍ବୋଚ୍ଚ ତାପମାତ୍ରା ୩୮ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଛି । ସେହିଭଳି ମାଲକାନଗିରିରେ ୩୭ ଦଶମିକ ୫ ଡିଗ୍ରୀ ଏବଂ

ଅନୁଗୁଳରେ ତାପମାତ୍ରା ୩୭ ଦଶମିକ ୧ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଛି ।

*****